# 6th India-EU Cyber Dialogue

December 17, 2020

## ଷଷ୍ଠ ଭାରତ-ୟୁରୋପୀୟ ସଂଘ ସାଇବର ଆଲୋଚନା

**ଡିସେମ୍ବର** 17, 2020

ଷଷ୍ଠ ଭାରତ-ୟୁରୋପୀୟ ସଂଘ ସାଇବର ଆଲୋଚନା ଭାରତ ଦ୍ୱାରା 14 ଡିସେମ୍ବର 2020 ରେ ଆୟୋଜିତ ହୋଇଥିଲା। ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସାଇବର କୂଟନୀତି ବିଭାଗର ଯୁଗ୍ମ ସଚିବ ଡକ୍ଟର ଏସ୍ ଜାନକିରମନ ନେଇଥିବାବେଳେ ୟୁରୋପୀୟ ସଂଘ ପ୍ରତିନିଧୀ ଦଳର ନେତୃତ୍ୱ ୟୁରୋପୀୟ ବୈଦେଶିକ କାର୍ଯ୍ୟ ସେବାର ସୁରକ୍ଷା ଓ ପ୍ରତିରକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ଜୋନେକେ ବାଲଫୁର୍ଟ ନେଇଥିଲେ।

ଉଭୟ ପକ୍ଷ ସମସାମୟିକ ବିଷୟ ସମେତ ସାଇବର କ୍ଷେତ୍ରରେ ସହଯୋଗର ବିଭିନ୍ନ ପ୍ରସଙ୍ଗ; ମିଳିତ ଜାତିସଂଘ ମଞ୍ଚର ଜିଜିଇ ବା ସରକାରୀ ବିଶେଷଜ୍ଞଙ୍କ ଗୋଷ୍ଠୀ, ଓଇଡବ୍ଲୁଜି ବା ମୁକ୍ତ କାର୍ଯ୍ୟ ଗୋଷ୍ଠୀ କିମ୍ବା ଆଞ୍ଚଳିକ ବ୍ୟବସ୍ଥା ବିଶେଷ କରି ଏଆରଏଫ ବା ଆସିଆନ ଆଞ୍ଚଳିକ ମଞ୍ଚ ଏବଂ ଓଏସସିଇ ବା ୟୁରୋପରେ ସୁରକ୍ଷା ଏବଂ ସହଯୋଗ ପାଇଁ ସଂଗଠନରେ ସାଇବର କ୍ଷେତ୍ରରେ ସ୍ଥିରତା ଉପରେ ବହୁପକ୍ଷୀୟ ସହଯୋଗ ଏବଂ ଆଞ୍ଚଳିକ ସହଯୋଗ; ୟୁରୋପୀୟ ସଂଘର ସାଇବର କୂଟନୈତିକ ଉପକରଣ ବାକ୍ସ; ସାଇବର ଅପରାଧ ତଥା ଏହି କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଉପରେ ସହଯୋଗ; ସାଇବର ନୀତି ଉପରେ ସମସାମୟିକ ପ୍ରସଙ୍ଗ ଏବଂ ସୂଚନା ଆଦାନପ୍ରଦାନ; ଇଣ୍ଟରନେଟ ନିୟନ୍ତ୍ରଣ; ନୂତନ ଉଦୀୟମାନ ସାଇବର ସମ୍ବନ୍ଧୀୟ ପ୍ରଯୁକ୍ତିବିଦ୍ୟା ଇତ୍ୟାଦି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

ଅର୍ଥନୈତିକ ଅଭିବୃଦ୍ଧି ଏବଂ ନବସୃଜନକୁ ବଳ ପ୍ରଦାନ କରି ଏକ ଖୋଲା, ମୁକ୍ତ, ନିରାପଦ, ସ୍ଥିର, ଶାନ୍ତିପୂର୍ଣ୍ଣ ତଥା ସୁଗମ ସାଇବର କ୍ଷେତ୍ର ପାଇଁ ଉଭୟ ପକ୍ଷ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସାଇବର କ୍ଷେତ୍ରର ଅନେକ ପ୍ରସଙ୍ଗ ଉପରେ ଉଭୟ ପକ୍ଷ ଏକମତ ଥିଲେ। ସାଇବର କ୍ଷେତ୍ରରେ ଉଭୟ ସମାଜର ମୌଳିକ ମୂଲ୍ୟବୋଧ ଏବଂ ଏହାର ପାଳନ ଯେପରିକି ଆଇନର ନିୟମ, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ମୌଳିକ ସ୍ୱାଧୀନତା ଅନୁସରଣ କରିବାର ଆବଶ୍ୟକତାକୁ ସେମାନେ ସ୍ୱୀକାର କରିଛନ୍ତି।

ପରବର୍ତ୍ତୀ ଭାରତ-ୟୁରୋପୀୟ ସଂଘ ସାଇବର ଆଲୋଚନା ବ୍ରସେଲ୍ସରେ ଆୟୋଜନ କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

**ଡିସେମ୍ବର** 17, 2020

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.